# Akashvani, Sambalpur

# SAMBALPURI NEWS BULLETIN

## 24 March 2024- 6.47- 6.52 am.

*********************************************

ଓଡ଼ିଶା ପୁଲିସ୍ ଥାପ୍‌ନା ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ଏପ୍ରିଲ୍ ୧ ତାରିଖ୍ ଓଡ଼ିଶା ପୁଲିସ୍‌ର ଥାପ୍‌ନା ଦିବସ୍ ପାଲନ୍ କରାଯିବା । ଇ ଅବ୍‌ସରେ ରାଜ୍ୟ ପୁଲିସ୍ ବାହିନୀର୍ ଶହେ ୮ ଝନ୍ ବରିଷ୍ଠ ଅଧିକାରୀ ଆର୍ କର୍ମଚାରୀଙ୍କୁ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ପଦକ - ଡିଜିପି ଡିସ୍କ ଦିଆଯିବା । ମିଲିଥିବା ସୂଚ୍‌ନା ଅନ୍‌ସାରେ ଡିଜିପି ଡିସ୍କ ପାଏବାର୍‌କେ ମନୋନୀତ ପୁଲିସ୍ ଅଧିକାରୀ ଆର୍ କର୍ମଚାରୀଙ୍କର୍ ଭିତ୍‌ରେ ୬ ଝନ୍ ଆଇପିଏସ୍ ଅଧିକାରୀ, ୨୧ ଝନ୍ ଓପିଏସ୍ ଅଧିକାରୀ ୮ ଝନ୍ ଓଏପିଏସ୍ ଅଧିକାରୀ ୧୪ ଝନ୍ ଇନ୍ସପେକ୍ଟର୍, ୧୨ ଝନ୍ ଏସ୍.ଆଇ. ୭ ଝନ୍ ଏଏସ୍‌ଆଇ, ୧୧ ଝନ୍ ହାବିଲ୍‌ଦାର୍ ଆର୍ ୨୭ ଝନ୍ କନେଷ୍ଟେବଲ୍, ସିପାହୀ ଆର୍ ଓଏପିଏସ୍ ଜବାନ୍ ରହିଛନ୍ । ନିର୍ବାଚନ୍ ଲାଗି ଆଦର୍ଶ ଆଚରଣ୍ ବିଧି ଲାଗୁ

ହେଇଥିବାର୍‌ନୁ ଇଥର କଟ୍‌କନା ଭିତ୍‌ରେ ଓଡ଼ିଶା ପୁଲିସ୍‌ର ଥାପ୍‌ନା ଦିବସ୍ ପାଲନ୍ କରାଯିବା ।

ବିଶ୍ୱ ଯକ୍ଷ୍ମା ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ଯକ୍ଷ୍ମା ଦିବସ୍ । ସଂକ୍ରାମକ ବେମାରୀ ଯକ୍ଷ୍ମା- ଟିବି ବାବ୍‌ଦେ ଲୋକ୍‌ମାନ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି ଲାଗି ଫି ବଛର୍ ବିଶ୍ୱ ଯକ୍ଷ୍ମା ଦିବସ୍ ପାଲନ୍ କରାଯାଏସି । ୧୮୮୨ ମସିହା ଆଝିର୍ ଦିନେ ଡକ୍ଟର୍ ରବର୍ଟ କୋଚ୍ ଯକ୍ଷ୍ମା ବେମାରି କରୁଥିବା ବେକ୍ଟେରିୟମ୍‌କେ ଆବିଷ୍କାର୍ କରିଥିଲେ । ତାର୍ ଉତ୍‌ରୁ ଯକ୍ଷ୍ମା ବିମାରୀକେ ଚିହ୍ନଟ୍ ଆର୍ ତାର୍ ନିଦାନ୍‌ର ବାଟ୍ ଖୁଲିଥିଲା । ହେଥିର୍‌ଲାଗି ଡକ୍ଟର୍ ରବର୍ଟ କୋଚ୍‌ଙ୍କୁ ନୋବେଲ୍ ପୁରସ୍କାର୍ ଭିଲ୍ ମିଲିଥିଲା । ଯକ୍ଷ୍ମା ବେମାରୀ ମାଇକୋ ବେକ୍ଟେରିୟମ୍ ଟ୍ୟୁବର୍ କୋଲୋସିସ୍ ବଲି ଗୁଟେ ବେକ୍ଟେରିଆ ଲାଗି ହେସି । ଇ ବେମାରୀ ଫୁସ୍‌ଫୁସ୍‌ଥି ହେବାର୍‌ସଙ୍ଗେ କିଡ୍‌ନୀ ଆର୍ ମସ୍ତିଷ୍କକେ ଭିଲ୍ ପ୍ରଭାବିତ୍ କର୍‌ସି । ଟିବି ବେମାରୀ ହେଇଥିବା ରୋଗୀଙ୍କର୍ କଫ, ଛିଙ୍କ ଆର୍ ଥୁକ ଜରିଆଥି ପବନ୍‌ଥି ବେମାରୀ ଚାପ୍‌ସି । ହେଲେ ବେଲ୍ ଥାଉନ୍ ଥାଉନ୍ ଚିକିତ୍ସା କଲେ

ଇ ବେମାରୀର୍ ପୁରା ନିଦାନ୍ ହେଇପାର୍‌ସି । ଇ ବଛର୍ ଯକ୍ଷ୍ମା ଦିବସ୍‌ର ବିଷୟ ‘ହଁ ଆମେ ଯକ୍ଷ୍ମାକେ ଶେଷ୍ କରିପାର୍‌ମା’ ରଖାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଭାରତ୍ ନ ଫି ବଛର୍ ଲକ୍ଷାଧିକ୍ ଲୋକ୍ ଟିବି ବେମାରୀଥି ଆକ୍ରାନ୍ତ ହେଇଥିବାର୍ ଚିହ୍ନଟ୍ ହେସନ୍ । ବିଶ୍ୱ ଯକ୍ଷ୍ମା ଦିବସ୍ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍‌କେ ଯକ୍ଷ୍ମା ମୁକ୍ତ କର୍‌ବାର୍ ଲାଗି ସଭେ ମିଶିକରି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଉଚ୍ଚ ଶିକ୍ଷାନୁଷ୍ଠାନ୍ ପରିସର-ହୋଡିଂ ଆର୍‌ଏନ୍‌ୟୁ / ସମ୍ବଲପୁର

ସାଧାରଣ୍ ନିର୍ବାଚନ୍ ଲାଗି ଆଦର୍ଶ ଆଚରଣ୍ ବିଧି ଲାଗୁ ହେଇଥିବାର୍ ବେଲେ ରାଜ୍ୟର୍ ସବୁ ଉଚ୍ଚ ଶିକ୍ଷାନୁଷ୍ଠାନ୍ ପରିସରନୁ ସର୍‌କାରୀ ହୋଡିଂ ଅଲ୍‌ଗାବାର୍‌କେ ଉଚ୍ଚଶିକ୍ଷା ବିଭାଗ୍‌ର ସବୁ ଆଂଚଲିକ୍ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ସବୁ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ବାବ୍‌ଦେ ଭୁବ୍‌ନେଶ୍ୱର୍, ବାଲେଶ୍ୱର୍, ସମ୍ବଲ୍‌ପୁର୍, ଜୟପୁର୍ ଆର୍ ବ୍ରହ୍ମପୁର୍ ଆଂଚଲିକ୍ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ବିଶ୍ୱବିଦ୍ୟାଳୟ, ସ୍ୱୟଂଶାସିତ କଲେଜ୍, ସର୍‌କାରୀ ଆର୍ ବେସର୍‌କାରୀ ଅନୁଦାନ୍ ପ୍ରାପ୍ତ

କଲେଜ୍‌ମାନ୍‌କୁ ଚିଠି ଲେଖାଯାଇଛେ । ଚିଠିଥି ଉଚ୍ଚଶିକ୍ଷାନୁଷ୍ଠାନ୍ କେମ୍ପସ୍ ପରିସର ନ ଛାତ୍ରମଙ୍ଗଲ ଯୋଜ୍‌ନା ବାବ୍‌ଦେ ଲାଗିଥିବା ପୋଷ୍ଟର୍, ହୋଡିଂକେ ଢାପ୍‌ବାର୍‌କେ ନାହେଲେ ଅଲ୍‌ଗାବାର୍‌କେ କୁହାଯାଇଛେ ।

ନାଁଲେଖା ଆର୍‌ଏନ୍‌ୟୁ/ କଟକ୍

ଶିକ୍ଷା ଅଧିକାର୍ ଆଇନ୍ ଅନ୍‌ସାରେ ଆର୍ଥିକ୍ ଅନଗ୍ରସର ଶ୍ରେଣୀର ଛୁଆମାନ୍‌କୁ ବେସର୍‌କାରୀ ସ୍କୁଲ୍‌ମାନ୍‌କେ ମାହାଲିଆ ଶିକ୍ଷା ଦେବାର୍ କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ୧୭ ହଜାର୍ ୨ ଶହ ୩୫ ଝନ୍ ଛାତ୍ରଛାତ୍ରୀ ପହେଲା ଖେପେ ନାଁଲେଖାବାର୍ ଲାଗି ଯୋଗ୍ୟ ବିବେଚିତ ହେଇଛନ୍ । ଗଣଶିକ୍ଷା ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଇ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନେ ଇ ମାସର୍ ୨୭ ତାରିଖ୍‌ନୁ ଆଏବା ଏପ୍ରିଲ୍ ମାସର୍ ୬ ତାରିଖ୍ ଭିତ୍‌ରେ ଘରୋଇ ସ୍କୁଲ୍ ମାନ୍‌କେ ନାଁ ଲେଖେଇପାର୍‌ବେ । ରାଜ୍ୟର୍ ୩ ହଜାର୍ ୩ ଶହ ୩୧ ଟା ଘରୋଇ ସ୍କୁଲ୍ ନ ଆର୍ଥିକ୍ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀ ମାନ୍‌କର୍ ଲାଗି ସବୁ ମିଶିକରି ୪୧ ହଜାର୍ ୩ ଶହ ୩୩ ଟା ସିଟ୍ ସଂରକ୍ଷିତ ରଖାଯାଇଛେ । ହେଲେ ନାଁ ଲେଖାବାର୍

ଲାଗି ୩୦ ହଜାର୍ ୪ ଶହ ୨୩ ଜଣ୍ ଛାତ୍ରଛାତ୍ରୀ ଅନ୍‌ଲାଇନ୍‌ରେ ଆବେଦନ୍ କରିଥିଲେ ।

ଦେବ୍‌ଗଡ଼୍ ନୂଆଁ ଏସ୍.ପି. ଆର୍‌ଏନ୍‌ୟୁ / ସମ୍ବଲପୁର

ନିର୍ବାଚନ୍ ଆୟୋଗଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ୨୦୧୩ ବେଚ୍‌ର ଭାରତୀୟ ପୁଲିସ୍ ସେବା - ଆଇପିଏସ୍ ଅଧିକାରୀ ଅନୁପମା ଜେମ୍ସ ଦେବ୍‌ଗଡ଼୍ ଜିଲ୍ଲାର୍ ଏସ୍.ପି. ଭାବେ ଦାୟିତ୍ୱ ନେଇଛନ୍ । ଜିଲ୍ଲା ନ ଅବାଧ ଆଉ ନିରପେକ୍ଷ ନିର୍ବାଚନ୍ ପରିଚାଲନା ଉପ୍‌ରେ ସେ ଧ୍ୟାନ୍ ଦେବେ ବଲି ଦାୟିତ୍ୱ ନେବାର୍ ଉତ୍‌ରୁ ନୂଆଁ ଏସ୍.ପି. ଗଣମାଧ୍ୟମ୍‌କେ କହିଛନ୍ । ସେନ୍ତା କଟକ୍ ଗ୍ରାମାଂଚଲ୍ ଏସ୍.ପି. ଭାବେ ୨୦୧୩ ବେଚ୍‌ର ଆଇପିଏସ୍ ଅଧିକାରୀ ଏଲ୍. ଦିବ୍ୟା ଦାୟିତ୍ୱ ନେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ନିର୍ବାଚନ୍ ଆୟୋଗ୍‌ଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ୨ ଦିନ୍ ତଲେ ରାଜ୍ୟ ସର୍‌କାର୍ ଦେବ୍‌ଗଡ଼୍ ଏସ୍.ପି. ରାମ୍‌ପ୍ରସାଦ୍ ସାହୁ ଆଉ କଟକ୍ ଗ୍ରାମାଂଚଲ୍ ଏସ୍.ପି. ମିହିର୍ କୁମାର୍ ପଣ୍ଡାଙ୍କୁ ରାଜ୍ୟ ପୁଲିସ୍ ମୁଖ୍ୟାଲୟକେ ବଦ୍‌ଲି କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୩ ଦିନ୍‌ତକ୍ ଓଡ଼ିଶା ନ ଦିନ୍‌ବେଲର୍ ତାତି ୩ ଡିଗ୍ରୀନୁ ୫ ଡିଗ୍ରୀ ତକ୍ ବଢ଼୍‌ବା ବଲି ଭାରତୀୟ ପାଣିପାଗ୍ ବିଭାଗ୍‌ର ଆଂଚଳିକ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ରାଜ୍ୟର୍ ଜିଲ୍ଲାମାନ୍‌କେ ପାଗ୍ ଶୁଖ୍‌ଲା ରହେବା । ଆଏଜ୍ ଦକ୍ଷିଣ ଆଉ ଉତର୍ ଓଡ଼ିଶାର୍ କେତେଟା ଜିଲ୍ଲା ନ ତାତି ବଢ଼ିଥିବାର୍ ରେକର୍ଡ଼୍ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ହପ୍ତା ଧୁକାଗରେଲ୍ ଆଉ ବର୍ଷା ହେବାର୍‌ନୁ କିଛି ଦିନ୍ ତାତି ସ୍ୱାଭାବିକ୍‌ନୁ କମ୍ ଆଉ ଥଣ୍ଡା ରହିଥିଲା ।